ଧରିତ୍ରୀ
DHARITRI
ଶନିବାର, ୧୨ ଜୁନ ୨୦୨୧



## ସଂକ୍ଷେପରେ

### ବିକ୍ରମ ବର୍ମାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଖଇରା, ୧୧।୬(ଡି.ଏନ.ଏ.)-ମାହାଙ୍ଗାର ପୂର୍ବତନ ବିଧାୟକ ତଥା ଖଇରା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଜଡିତ ସ୍ୱର୍ଗତ ବିକ୍ରମ କେଶରୀ ବର୍ମାଙ୍କ ବିୟୋଗରେ ଏକ ସ୍ମୃତିସଭା ଖଇରା ବ୍ଲକର ଅନ୍ତରା ମହତୀପୁର ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ସଭାରେ ଅଧକ୍ଷତା କରିଥିଲେ। ପୁରାତନ ଛାତ୍ର ଲକ୍ଷ୍ମୀଧର ମହାପାତ୍ର, ମହେନ୍ଦ୍ର କୁମାର ସେନାପତି, କୃଷ୍ଣଚନ୍ଦ୍ର ଜେନା, ଶିବ ପ୍ରସାଦ ବଳ, କାଶୀନାଥ ବାରିକ, ନରୋତ୍ତମ ଦାସ, ନରେନ୍ଦ୍ର ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ବର୍ମାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ହିନ୍ଦୀ ଶିକ୍ଷକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ ଧକ୍କାରେ ଜଣେ ମୃତ

ସିମୁଳିଆ, ୧୧।୬(ଡି.ଏନ୍.ଏ.): ଶୁକ୍ରବାର ପୂର୍ବାହ୍ନରେ ସିମୁଳିଆ ବ୍ଲକ ବାଡୁଲିଛକ ନିକଟରେ ମୋଟର ସାଇକେଲ ଧକ୍କାରେ ଗୌରହରି ମଲିକ(୫୫)ଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ସ୍ଥାନୀୟ ବାଡୁଲି ଅଞ୍ଚଳରେ। ଗୌରହରି ମାଛ ବ୍ୟବସାୟ କରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାସୁଦେବପୁର ଅଭିମୁଖେ ମୋଟର ସାଇକେଲରେ ଯାଉଥିବା ସରୋଜ ବିଶ୍ୱାଳ ଓ ଚନ୍ଦ୍ରକାନ୍ତ ନାୟକ ତାଙ୍କୁ ଧକ୍କା ଦେଇଥିଲେ । ଘଟଣାସ୍ଥଳରେ ଗୌରହରି ମୃତ୍ୟୁ ଘଟିଛି। ଚନ୍ଦ୍ରକାନ୍ତ ଓ ସରୋଜ ଆହତ ହୋଇଛନ୍ତି ।

### କଲେଜରେ ୱେବିନାର

ଭଣ୍ଡାରିପୋଖରୀ, ୧୧।୬ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ପଞ୍ଚାୟତ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'କୋଭିଡ୍ ନିରାକରଣ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଭୂମିକା' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ ଚନ୍ଦ୍ର ବେଉରିଆ ଏଥିରେ ଅଧକ୍ଷତା କରିଥିଲେ। ଏନଏସ୍ଏସ୍ ଅଧିକାରୀ ଅଧାପିକା ରୀତାଞ୍ଜଳି ପାରମାଣିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଡ. ଦୁର୍ଯ୍ୟୋଧନ ଦାସ, ଅନ୍ୟତମ ଅତିଥି ଜାତୀୟ ସେବା ଯୋଜନା ତାଲିମ ପ୍ରଦାନ ଅଧିକାରୀ ଡ. ନିରଦ ଚରଣ ଖୁଣ୍ଟିଆ, ବାଲେଶ୍ୱର ଜିଲା ଅଧିକାରୀ ଗୌରାଙ୍ଗ ପଣ୍ଡା, ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଏନଏସ୍ଏସ୍ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କୋଭିଡ୍ ସଚେତନତା ବାର୍ତ୍ତା ପ୍ରଦାନ କରି ନିଜର ଆଭିମୁଖ୍ୟ ରଖିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଅଧାପିକା ଅଧାପକ, ଶିକ୍ଷା କର୍ମଚାରୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ଅନୁପମା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ପ୍ରାଣୀପ୍ରେମରେ ବନ୍ଧା ରବୀନ୍ଦ୍ର

ସନ୍ତୋଷ କୁମାର ନାୟକ
ସିମୁଳିଆ, ୧୧।୬


ପ୍ରାଣୀଙ୍କ ଗହଣରେ ରବୀନ୍ଦ୍ର।

ଏକ ହୃଦୟର ଆକର୍ଷଣ ଅନ୍ୟକୁ ଆକର୍ଷିତ କରେ। ପ୍ରତ୍ୟେକ ପ୍ରାଣୀ ପ୍ରେମରେ ବାନ୍ଧି ହୋଇଯାଆନ୍ତି। ପ୍ରାଣୀମାନଙ୍କ ପ୍ରେମରେ ବନ୍ଧା ପଡିଥିବା ଏମିତି ଏକ ଚରିତ୍ର ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ ଧୋବଗଡିଆ ଅଞ୍ଚଳର ୪୦ବର୍ଷୀୟ ରବୀନ୍ଦ୍ର ବେହେରା। ବୃତ୍ତିରେ ସେ ଜଣେ ଟ୍ରଲି ଚାଳକ । ତାଙ୍କ ଘରେ ବିଭିନ୍ନ ପକ୍ଷୀ ଓ ପ୍ରାଣୀଙ୍କୁ ସେ ସୌକରେ ରଖିଛନ୍ତି। ସେ ଏହାକୁ ବିକ୍ରୀ କରନ୍ତି ନାହିଁ, ବରଂ ପ୍ରତ୍ୟେକ ପ୍ରାଣୀଙ୍କ ସମ୍ପର୍କରେ ସେ ଜାଣି ସେହି ଅନୁସାରେ ଉପଯୁକ୍ତ ବ୍ୟବସ୍ଥା କରିଛନ୍ତି। ତାଙ୍କ ନିକଟରେ ଏବେ ଧଳା, କଳା, ଲୋଟଣୀ ଆଦି ବିଭିନ୍ନ ପ୍ରଜାତିର ୭୦ ପାରା, ୮ ଛେଳି, ୫୦ ବିଭିନ୍ନ ପ୍ରଜାତିର କୁକୁଡା, ୮ ବତକ, ୨ ଚାଇନା ବତକ, ୨ ଟର୍କୀ, ୬ ରାଜହଂସ, ୨ ଗାଈ, ୨ ବଳଦ, ୪ ବାଛୁରୀ, ୨ କଡକନାଥ ପ୍ରଜାତିର କୁକୁଡା ଓ ଗୋଟିଏ କୁକୁର ରହିଛି । ଏସବୁ ପ୍ରାଣୀମାନଙ୍କୁ ପାଳନ କରିବା ପାଇଁ ସେମାନଙ୍କ ଖାଦ୍ୟ ବାବଦରେ ମାସିକ ପ୍ରାୟ ୨ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ ବୋଲି କୁହନ୍ତି ରବୀନ୍ଦ୍ର।

ରବୀନ୍ଦ୍ରଙ୍କ ପ୍ରକୃତ ଘର ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳରେ। ବିବାହପରେ ସେ ଶ୍ୱଶୁରଙ୍କ ଘର ଗାଁ ନିକଟସ୍ଥ ଧୋବଗଡିଆରେ ରହିଆସୁଛନ୍ତି । ତାଙ୍କ ବାପାଙ୍କର ପକ୍ଷୀ ପ୍ରତି ସୌକ ଥିଲା। ପରେ ସେ ଘଣ୍ଟେଶ୍ୱରରୁ ଦୁଇଟି ପାରା ଆଣି ଧୋବଗଡିଆରେ ରଖିଥିଲେ । କିଛିଦିନ ପରେ ପାରା ଦୁଇଟି ତାଙ୍କ ନିଜ ଘର ଘଣ୍ଟେଶ୍ୱରକୁ ଉଡିଯାଇଥିଲେ। ପରେ ସେ କେତୋଟି ଛୋଟ ପାରା ଆଣି ରଖିବା ପରେ ବଂଶବିସ୍ତାର ହୋଇଥିଲା । ନିଜର କୌଣସି ଜମିବାଡି ନ ଥିବାରୁ ସେ ୨ଏକର ବଖରା ଚାଷ କରନ୍ତି। ବର୍ଷଯାକ ପରିବାର ପୋଷଣ ପାଇଁ ଧାନ ଚାଉଳ ରଖି ଅବଶିଷ୍ଟ ପକ୍ଷୀମାନଙ୍କ ଦାନା ରୂପେ ବ୍ୟବହାର କରନ୍ତି । ତେବେ କେଉଁଠି ପ୍ରାଣୀ ଓ ପକ୍ଷୀମାନଙ୍କୁ ଦେଖିଲେ ସେ ନିଜ ପାଖରେ ରଖିବା ପାଇଁ ଇଛା କରନ୍ତି। ଏହି ପ୍ରାଣୀମାନଙ୍କ ରୋଗର ଲକ୍ଷଣ ଜାଣି ସେ ଚିକିତ୍ସା କରନ୍ତି। ପ୍ରାଣୀମାନଙ୍କ ଯତ୍ନ ନେବାରେ ତାଙ୍କ ସ୍ତ୍ରୀ ବାସନ୍ତୀ, ପୁଅ ବାଦଲଙ୍କ ସମେତ ଝିଅ ଝରଣା ମଧ୍ୟ ସାହାଯ୍ୟ କରନ୍ତି । ତେବେ ପ୍ରାଣୀମାନେ ତାଙ୍କ ଜୀବନ ବୋଲି କୁହନ୍ତି ରବୀନ୍ଦ୍ର।

**ଦୈନିକ ୧୫୭ ପ୍ରାଣୀଙ୍କ ଯତ୍ନ ନିଅନ୍ତି**

# କରୋନା ଭୟରେ ଛୁଇଁଲେନି

ସୋର, ୧୧।୬(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅଧୀନ ଜଣେ ବୃଦ୍ଧଙ୍କର ଗୁରୁବାର ରାତିରେ ମୃତ୍ୟୁ ହୋଇଥିଲା। ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ସନ୍ଦେହ କରି କେହି ଛୁଇଁ ନ ଥିଲେ। ଶେଷରେ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପିଂ ହ୍ୟାଣ୍ଡର ସଦସ୍ୟମାନେ ମୃତକଙ୍କୁ ସଂସ୍କାର କରିଥିଲେ।

ସୋର ଥାନା ଅଧୀନ କୁଡେଇ ଗ୍ରାମର ନବକିଶୋର ମହାଳିକ ମ୍ୟୁନିସିପାଲିଟି ଅଧୀନ କ୍ଷୀରକୋଣୀ ଗ୍ରାମର ନିଜ ଝିଅ ଜ୍ୱାଇଁଙ୍କ ଘରେ ରହୁଥିଲେ। କରୋନା ପରୀକ୍ଷାରେ ଝିଅଜ୍ୱାଇଁ କରୋନା ଆକ୍ରାନ୍ତ ଥିବା ଜଣାପଡିବା ପରେ ଏବେ ସେମାନେ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ତାଙ୍କ ଘରେ ରହୁଥିବା ନବକିଶୋରଙ୍କର ବାର୍ଦ୍ଧକ୍ୟଜନିତ ରୋଗରେ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। କରୋନାରେ ନବକିଶୋରଙ୍କର ମୃତ୍ୟୁ ହୋଇଥିବା ସନ୍ଦେହରେ କେହି ସଂସ୍କାର କରିବାକୁ ନ ଆସିବାରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କ ପରାମର୍ଶରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଂସ୍କାର କରିବା ଲାଗି ଲୋକଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ସଙ୍ଗଠନର ସେକ୍ ମସ୍‌ଲାଉଦ୍ଦିନ୍, ରହେମତ୍ ଅଲ୍ଲୀ, ସେକ୍ ସାକିର, ସେକ୍ ରୋହିତ୍, ତନ୍‌ବିର ହୋସେନ, ଅରବାଜ ଖାନ୍ ଓ ରାଜା ଶାହା ପ୍ରମୁଖ ଶବ ସଂସ୍କାର କରିଥିଲେ।

**ସଂସ୍କାର କଲେ ସ୍ୱେଚ୍ଛାସେବୀ**

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ


ବି. ବାର୍ଜୁଜି ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ବାଲେଶ୍ୱର ଅଫିସ/ଜଳେଶ୍ୱର/ଲଙ୍ଗଳେଶ୍ୱର, ୧୧।୬(ଡି.ଏନ.ଏ.)

ତୈଳ ଦରବୃଦ୍ଧି ପ୍ରତିବାଦରେ ବାଲେଶ୍ୱର ଜିଲା କଂଗ୍ରେସ ତରଫରୁ ଶୁକ୍ରବାର ବି. ବାର୍ଜୁଜି ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଧାରଣାରେ ସାମିଲ ହୋଇଥିଲେ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସାଙ୍ଗକୁ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ବୋଝ ଉପରେ ଲଳିତା ବିଡା ସଦୃଶ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଧାରଣାରେ ନବନିଯୁକ୍ତ ପ୍ରଫେସନାଲ କଂଗ୍ରେସ ରାଜ୍ୟ ଅଧକ୍ଷା ମମତା କୁଣ୍ଡୁ, ଜିଲା କୋଭିଡ ସଂଯୋଜିକା ଅର୍ଚ୍ଚନା ନନ୍ଦୀ, ବରିଷ୍ଠ କଂଗ୍ରେସ ନେତା ଗୋପୀନାଥ ପାଢ଼ୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ଜିଲା ଅଧକ୍ଷ ବିକାଶ ଦାସ, ପୂର୍ବତନ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତଥା ଗଣମାଧମ ସଂଯୋଜକ ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ଫିଲିଂ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜଳେଶ୍ୱର, ସୁଗୋ, ଆମ୍ବଳିଅଠା, ରାଇବଣିଆ, ହାତୀଗଡ, ବର୍ତ୍ତନା, ବରଡିହା ଆଦି ବିଭିନ୍ନ ପେଟ୍ରୋଲ ପମ୍ପରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏଥିରେ ଜଗଦୀଶ ନନ୍ଦୀ, ସରପଞ୍ଚ ପଦ୍ମଲୋଚନ ବେହେରା, ହେମନ୍ତ ଗିରି, ଗିରିଜା ଶଙ୍କର ଦାସ, ଚିତ୍ତରଞ୍ଜନ ପରିଡା, ସୁଶାନ୍ତ ଦେ, ରାଧାରାଣୀ ପାତ୍ର, ଗୋପାଳକୃଷ୍ଣ ଜେନା, ସର୍ବେଶ୍ୱର ଦାସ, ସରପଞ୍ଚ ସୁଶାନ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ବାଲିଆପାଳ, ଲଙ୍ଗଳେଶ୍ୱର, କାଳିପଦାଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସର କର୍ମକର୍ତ୍ତାମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲଙ୍ଗଳେଶ୍ୱର ହରପାର୍ବତୀ ପେଟ୍ରୋଲ ପମ୍ପ ଆଗରେ ସ୍ଥାନୀୟ କଂଗ୍ରେସ ନେତା ପଞ୍ଚାୟତ ସମିତି ଉପାଧକ୍ଷଙ୍କ ପ୍ରତିନିଧି ଜଗତଜୀବନ ଦାସ ନେତୃତ୍ୱ ନେଇଥିଲେ।

### ବିପନ୍ନଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା

ଖଇରା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବନ୍ୟା ବିପନ୍ନଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ଆରମ୍ଭ ହୋଇଛି। ଭାରତ ସରକାରଙ୍କ ତୈଳ ମନ୍ତ୍ରଣାଳୟ ଏବଂ ମୁକୁନ୍ଦ ପ୍ରସାଦ ଫାଉଣ୍ଡେଶନର ମିଳିତ ସହଯୋଗରେ ଭ୍ରାମ୍ୟମାଣ ଟିମ୍ ପ୍ରଥମେ ଶୁକ୍ରବାର ତୁଡିଗଡିଆ ଜୋନର ଅଚ୍ୟୁତପୁର, ଡଗରପଡା, ଜଳଦା, ମାଖନପୁର ପଞ୍ଚାୟତରେ ବାତ୍ୟା ଓ ବନ୍ୟା ସମୟରେ ପାଣି ଭିତରେ ରହିଥିବା ବିପନ୍ନମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲା। ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଦିଲୀପ ପାଣ୍ଡିଆ, ଲକ୍ଷ୍ମୀଧର ସାହୁ, ହେମନ୍ତ ଦାସ, ନୃସିଂହ ସିଂ, ବିଦ୍ୟାଧର ଦଳେଇ, ରତ୍ନାକର ପାଳ ପ୍ରମୁଖ ସହଯୋଗ କରିଥିଲେ।

### ଡାକ୍ତରଖାନା ପାଚେରି ଭୁଶୁଡିଲା, ୨ ଗୁରୁତର

ସୋର, ୧୧।୬(ଡି.ଏନ.ଏ.)

ପ୍ରାକ୍ ମୌସୁମୀ ପ୍ରବଳ ବର୍ଷାରେ ଶୁକ୍ରବାର ସୋର ଡାକ୍ତରଖାନାର ପାଚେରି ଭୁଶୁଡି ପଡିଥିବା ବେଳେ ନିକଟସ୍ଥ ଗଛମୂଳେ ଆଶ୍ରୟ ନେଇଥିବା ୨ଜଣ ଯୁବତୀ ଗୁରୁତର ହୋଇଛନ୍ତି। ଦୁଇ ଯୁବତୀ ହେଲେ ଜହ୍ନିଆ ଗ୍ରାମର ଅଶୋକ କୁମାର ମହାକୁଡଙ୍କ ଝିଅ ଦୁର୍ଗାବତୀ ଓ ସୋର ରତିକାନ୍ତ ସାହୁଙ୍କ ଝିଅ ନିଳା। ଏହି ଦୁଇଜଣଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏଥିରେ ପାଚେରି ନିକଟ ପାର୍କିଂରେ ଥିବା ୨ଟି ସ୍କୁଟି ସହ କିଛି ଉଠାଦୋକାନ କ୍ଷତିଗ୍ରସ୍ତ ହୋଇଛି।

# ଗାଁକୁ କଲେ ବିଶୋଧନ


ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଧେନୁଖୋଜା ଗାଁରେ ବିଶୋଧନ କରାଯାଉଛି।

ରୂପସା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବାହାର୍ଦା ପଞ୍ଚାୟତ ଅଧୀନ ଧେନୁଖୋଜା ଗାଁରେ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବମୋର୍ଚ୍ଚା ସଭାପତି ଧୀରେନ କୁମାର ସେଠୀଙ୍କ ନେତୃତ୍ୱରେ ଗ୍ରାମରେ ଥିବା ପ୍ରତ୍ୟେକ ଘର, ସ୍କୁଲ, ମନ୍ଦିର ଆଦି ସାନିଟାଇଜି କରାଯାଇଛି । ଏଥିସହ କେତେକ ଲୋକଙ୍କୁ ବିସ୍କୁଟ, ସାବୁନ, ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି । ଏହି ଗ୍ରାମରେ ପୂର୍ବରୁ ୩୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମିଡ଼ିଆପ୍ରଭାରୀ ଇଂ. ଦିବାକର ରାଉତ, ରମେଶ ରାଉଳ, ରାଜେନ୍ଦ୍ର ପାତ୍ର, ପ୍ରଦୀପ ଦାସ, ରାକେଶ ପାତ୍ର ଓ ବୁଦ୍ଧିଆ ଧଳ ପ୍ରମୁଖ ସହଯୋଗ କରିଥିଲେ।

# କରୋନା ସଚେତନତା କାର୍ଯ୍ୟକ୍ରମ



ନୟାଖଣ୍ଡି ମୁଖିସାହିରେ ଖଇରା କଲେଜ କର୍ମଚାରୀ ମାସ୍କ ପିନ୍ଧାଉଛନ୍ତି।

ଖଇରା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲାର ପ୍ରମୁଖ ଖଇରା କଲେଜ ଯୁବ ରେଡକ୍ରସ ଆନୁକୂଲ୍ୟରେ ଖଇରା ବ୍ଲକର ନୟାଖଣ୍ଡି ପଞ୍ଚାୟତର ବିଭିନ୍ନ ସାହିରେ ଶୁକ୍ରବାର ମାସ୍କ ବଣ୍ଟନ କରାଯିବା ସହ କରୋନା ସମ୍ପର୍କରେ ସଚେତନ କରାଯାଇଛି । ଅଧକ୍ଷ ପ୍ରମୋଦ ଉପାଧାୟ ଓ ଯୁବ ରେଡକ୍ରସର କାଉନସିଲର ବନମାଳୀ ବାରିକଙ୍କ ନେତୃତ୍ୱରେ କର୍ମଚାରୀମାନେ କଡମିଆଁ ମୁଖୀସାହି, ନୟାଖଣ୍ଡି ଦାସସାହି, କଣ୍ଡରାଗଡିଆ ଆଦି ଗ୍ରାମକୁ ଯାଇ ୪୫୦ଗ୍ରାମବାସୀଙ୍କୁ ମାସ୍କ ବାଣ୍ଟିବା ସହ ସାମାଜିକ ଦୂରତା, ହାତ ଧୋଇବା ଉପରେ ବୁଝାଇଥିଲେ। ଅଧାପକ ଆର୍ତ୍ତବନ୍ଧୁ ନାୟକ, ସୁରେନ୍ଦ୍ର ରାଉତ, କର୍ମଚାରୀ ମନସ୍ୱିନୀ ପାଢୀ, ଶଶୀକାନ୍ତ ମହାପାତ୍ର, ଭାଗିରଥି ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୩୪୮ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ

ଖଇରା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ୩୪୮ ଅଙ୍ଗନୱାଡି କର୍ମୀଙ୍କୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜରିଆରେ ଶୁକ୍ରବାର ମୋବାଇଲ ବଣ୍ଟନ କରାଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରଞ୍ଜୁରାଣୀ ଦାସ ଏହାକୁ ଉଦ୍‌ଘାଟନ କରିବା ଅବସରରେ ଏହି ମୋବାଇଲ ଥିବା ପର୍ସନ ଆପ ଜରିଆରେ କର୍ମୀମାନେ ସେମାନଙ୍କର କେନ୍ଦ୍ର ଅଧୀନରେ ଥିବା ଗର୍ଭବତୀ, ପ୍ରସୂତି, ଶିଶୁ ତଥା ଅନ୍ୟାନ୍ୟ ବିଷୟର ତଥ୍ୟ ସରକାରଙ୍କୁ ପହଞ୍ଚାଇ ପାରିବେ ବୋଲି ପ୍ରକାଶ କରିଥିଲେ। କିରାଣି ପ୍ରମୋତେଶ ପ୍ରମାଣିକ, ପିଅନ ସୁଧାକର ନାୟକଙ୍କ ସମେତ ସମସ୍ତ ୧୩ଜଣ ସୁପରଭାଇଜର ବଣ୍ଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ।

# କଂଗ୍ରେସ କର୍ମୀଙ୍କ ବିକ୍ଷୋଭ

ଭଦ୍ରକ ଅଫିସ/ ବାସୁଦେବପୁର/ ଭଣ୍ଡାରିପୋଖରୀ/ ଆରଡ଼ି, ୧୧।୬ (ଡି.ଏନ.ଏ.)


ଭଦ୍ରକ ସହରରେ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀ ଧାରଣା ଦେଇଛନ୍ତି।

ତୈଳ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ଓ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଶୁକ୍ରବାର ଭଦ୍ରକ ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପେଟ୍ରୋଲ ପମ୍ପ ଆଗରେ ଦଳ ପକ୍ଷରୁ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ସହର ନୂଆବଜାରସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ସୁବ୍ରତ ଦାସ ସରକାର ଅବିଳମ୍ବେ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିବାକୁ ଦାବି କରିଥିଲେ। ଅବଦୁଲ ମୁକିତ୍ ଖାଁ, ପ୍ରଫୁଲ୍ଲ ସାମଲ, ଆଶିଷ ରାଉତ, ବିଜୟ ବାରିକ, ଅନନ୍ତ ପଣ୍ଡା, ବବି ମହାନ୍ତି, ଅସ୍‌ରଫ୍ ଅଲୀ ଖାଁ, ଅବଦୁଲ ସଲାମ, ସେକ୍ ସିରାଜୁଦ୍ଦିନ, ସେକ ଫରିଜୁଦ୍ଦିନ, ସେକ୍ ଜଫିରୁଦ୍ଦିନ, ରତ୍ନାକର ବାରିକ, ବାପୁଜୀ ପରିଡ଼ା, ଇଲିୟାସ୍ ଅଲୀ ଖାଁ, ସେକ୍ ଲାଲୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ସେହିପରି ବାସୁଦେବପୁର ନିର୍ବାଚନମଣ୍ଡଳୀ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ନଗର କଂଗ୍ରେସ କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ରତ୍ନାକର ମଲ୍ଲିକ, ପୂର୍ବତନ କାଉନସିଲର ତୋହିଦ ଖାଁ, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ବଳ, ଶଶିଭୂଷଣ ବାରିକ ପ୍ରମୁଖ ପେଟ୍ରୋଲ ପମ୍ପ ଆଗରେ ଧାରଣାରେ ବସିଥିଲେ। ବିଦେଇପୁର ନିକଟସ୍ଥ ବିରସ ଛକଠାରେ ଥିବା ପେଟ୍ରୋଲ ପମ୍ପ ଆଗରେ ଦଳୀୟ କର୍ମୀମାନେ ପ୍ରତିବାଦ କରିଥିଲେ। ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ରଜନୀକାନ୍ତ ଚନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ନେତା ଗୋଲକ ବେହେରା, ନଟବର ରାଉଳ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ମନୋଜ ନାୟକ, ପ୍ରଶାନ୍ତ ସାହୁ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆରଡ଼ି ବସ୍‌ଷ୍ଟାଣ୍ଡରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଆରଡ଼ି ଓ ନାନ୍ଦପୁର ପଞ୍ଚାୟତ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିବାନନ୍ଦ ପାଢ଼ୀ, ଆର୍ତ୍ତବନ୍ଧୁ ପାଢ଼ୀ, ବିପ୍ଳବ ଭଞ୍ଜ, ଜ୍ୟୋତି ପ୍ରକାଶ ପାଢ଼ୀ, ବିଜୟ ବିଶ୍ୱାଳ, ଶ୍ରୀକାନ୍ତ ପାଢ଼ୀ, ଚନ୍ଦ୍ରକାନ୍ତ ସାହୁ, ଅମର ଭଞ୍ଜ ପ୍ରମୁଖ ସାମିଲ ଥିଲେ।

### ଏସ୍‌ବିଡି ସ୍କୁଲରେ ଶୋକସଭା

ଭଦ୍ରକ ଅଫିସ,୧୧।୬

ଭଦ୍ରକ ସହରସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ପୂର୍ବତନ କର୍ମଚାରୀ ସ୍ୱର୍ଗତ କିବୁସେନ ପଣ୍ଡାଙ୍କ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଯୁଧିଷ୍ଠିର ଦେବତା ଏଥିରେ ପୌରୋହିତ୍ୟ କରିଥିଲେ। ସ୍କୁଲ କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡା ଜଣେ କର୍ତ୍ତବ୍ୟପରାୟଣ, ସଚ୍ଚୋଟ ଓ ନିଷ୍ଠାପର ବ୍ୟକ୍ତି ଥିଲେ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ସମିତିସଭ୍ୟଙ୍କ ପରଲୋକ

ଭଦ୍ରକ ଅଫିସ, ୧୧।୬



ଭଦ୍ରକ ଜିଲା ସଦର ବ୍ଲକ ଆମ୍ବରୋଳି ପଞ୍ଚାୟତର ସମିତିସଭ୍ୟ ଜ୍ୟୋତିପ୍ରକାଶ ସାମଲଙ୍କ ଶୁକ୍ରବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ବିୟୋଗରେ ବିଜେଡି ମହଲରେ ଶୋକର ଛାୟା ଖେଳିଯାଇଛି।

# ପୋଲିସର ଗିରଫଦାରି ପ୍ରତିବାଦରେ ଧାରଣା

ବାଲେଶ୍ୱର ଅଫିସ, ୧୧।୬

**ରିଲିଫ ସାମଗ୍ରୀ ଲୁଟ୍ ଘଟଣା**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ତୁଣ୍ଡୁରା ପଞ୍ଚାୟତ ଅଫିସରୁ ରିଲିଫ ସାମଗ୍ରୀ ଉକ୍ତ ଅଞ୍ଚଳର ଲୋକମାନେ ଲୁଟ୍ କରି ନେଇଥିଲେ। ଏ ନେଇ ସରପଞ୍ଚ ଅଜୟ କୁମାର ବାରିକ ଲିଖିତ ଅଭିଯୋଗ କରିବା ପରେ ଖନ୍ତାପଡା ଥାନାରେ ମାମଲା ରୁଜୁ କରାଯାଇଥିଲା । କେତେଜଣଙ୍କୁ ପୋଲିସ ଗିରଫ କରିଛି । ଏହାର ପ୍ରତିବାଦରେ ରେମୁଣା ନାଗରିକ ସୁରକ୍ଷା ଓ ଅଧିକାର ମଞ୍ଚ ପକ୍ଷରୁ ଶୁକ୍ରବାର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ବାତ୍ୟା ୟାସ୍ ପାଇଁ ଆସିଥିବା ରିଲିଫ ସାମଗ୍ରୀ ଉକ୍ତ ପଞ୍ଚାୟତର କେତେକ ଅଞ୍ଚଳରେ ପହଞ୍ଚି ନ ଥିବାରୁ ଲୋକମାନେ ସରପଞ୍ଚଙ୍କୁ ବାରମ୍ବାର ଜଣାଇଥିଲେ । ସରପଞ୍ଚ ସରକାରଙ୍କ ଦ୍ୱାରା ମିଳିଥିବା ରିଲିଫ ସାମଗ୍ରୀକୁ ଅଗ୍ରାଧିକାର ଭିତ୍ତିରେ ବଣ୍ଟନ କରାଯାଉଥିବା ପ୍ରକାଶ କରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି କେତେକ ଲୋକ ପଞ୍ଚାୟତ ଅଫିସ ସମ୍ମୁଖରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମହଜୁଦ୍ ଥିବା ରିଲିଫ ସାମଗ୍ରୀକୁ ବୋହି ନେଇଥିଲେ। ପରେ ସରପଞ୍ଚ ଅଜୟ କୁମାର ବାରିକଙ୍କ ଘର ଉପରକୁ ଆକ୍ରମଣ କରାଯାଇଥିଲା। ଏନେଇ ସରପଞ୍ଚ ଥାନରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେତେଜଣଙ୍କୁ ଗିରଫ କରିଛି। ନାଗରିକ ସୁରକ୍ଷା ମଞ୍ଚ ଏହାକୁ ବିରୋଧ କରି ନିରପେକ୍ଷ ତଦନ୍ତ ଦାବି କରିଛି । ସରପଞ୍ଚଙ୍କ ରିଲିଫ ସାମଗ୍ରୀ ବଣ୍ଟନ କାର୍ଯ୍ୟକଳାପ ଟାଳଟୁଳ ନୀତିରେ ଚାଲିଥିଲା। ଏହାକୁ ବିରୋଧ କରିବାରୁ ସାଧାରଣ ନିରୀହ ଆଦିବାସୀମାନଙ୍କୁ ଫସାଇ ଦିଆଯାଇଛି ବୋଲି ମଞ୍ଚର ସଦସ୍ୟ ବଂଶୀଧର ପଣ୍ଡା, ବସନ୍ତ କୁମାର ଦାସ ଓ ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି ।



ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

## ଦୋକାନ ତାଲା ଭାଙ୍ଗି ଚୋରି

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୨୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ଗ୍ରସୋରି ଦୋକାନ ତାଲା ଭାଙ୍ଗି ଗୁରୁବାର ରାତିରେ ଦୁର୍ବୃତ୍ତମାନେ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଦୋକାନ ମାଲିକ ବିରଞ୍ଚି ନାରାୟଣ ପଟ୍ଟନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୧୫/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ଚାଲାଣ ବେଳେ ୪ ଗୋରୁ ଉଦ୍ଧାର

ପାଟଣା,୧୧।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ ଖଜିରାପାଟ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମବାସୀ ଶୁକ୍ରବାର ଗୋରୁ ବୋଝେଇ ଏକ ଟାଟାଏସିକୁ ଅଟକ ରଖି ତୁରୁମୁଙ୍ଗା ପୋଲିସ ଜିମା ଦେଇଛନ୍ତି। ଗାଡ଼ିରୁ ୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗାଡ଼ି ଚାଳକ ଢେଙ୍କିକୋଟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଥିବା ଏସ୍ଆଇ ସୁଶାନ୍ତମଣି ମହାନ୍ତି ସୂଚନା ଦେଇଛନ୍ତି। ଗୋରୁଙ୍କୁ ଢେଙ୍କିକୋଟର ସାନ୍ତରାପୁରରୁ ଚଢେଇଭୋଳ ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ଅଟକ ରଖିଥିଲେ। ଉଦ୍ଧାର ଗୋରୁଙ୍କୁ କରଞ୍ଜିଆ ସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି।

## ଡମ୍ପରରୁ ତେଲ ଚୋରି ନେଇ ମାରପିଟ

ବୈଶିଙ୍ଗା,୧୧।୬(ଡି.ଏନ.ଏ.): ଗତ ୬ ତାରିଖରେ ବୈଶିଙ୍ଗା ଅଞ୍ଚଳରେ ବିଦ୍ୟୁତ୍‌କାଟର ସୁଯୋଗ ନେଇ କ୍ରଶର୍ ମାଲିକ ବିଜୟ୍ ରାଉତଙ୍କ ୩ଟି ଡମ୍ପରରୁ ଡିଜେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗରେ ପଡ଼ୋଶୀ ଧ୍ରୁବ ଚରଣ ରାଉତ ଓ ତାଙ୍କ ବଡ଼ ପୁଅ ମନୋଜ ଓ ଗୌରହରି ରାଉତଙ୍କ ପୁଅ ବାବି (ଅଜୟ୍)ଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନା ପୋଲିସ ଏକ ମାମଲା(ନଂ. ୧୭୭/୨୧) ରୁଜୁ କରିଛି। ଅନ୍ୟ ପକ୍ଷରେ ବିଜୟ୍ ରାଉତ ଓ ତାଙ୍କ ଦୁଇ ପୁଅ ମିଶି ଗୁରୁବାର ଗୌରହରି ରାଉତଙ୍କ ସାନ ପୁଅ ଅଜୟ୍‌ଙ୍କୁ ଘରୁ ଡାକିନେଇ ଗାଡ଼ିରୁ କାହିଁକି ତେଲ ଚୋରି କଲୁ କହି ଏକ ଘର ଭିତରେ ପୂରାଇ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅନ୍ୟ ଏକ ମାମଲା (ନଂ. ୧୭୬ /୨୧) ରୁଜୁ ହୋଇଛି।

## ରଥଯାତ୍ରା ଲାଗି ଦୀପଦାନ

ବାରିପଦା ଅଫିସ,୧୧।୬: ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ହରିବଲଦେବଜୀଉଙ୍କ ରଥଯାତ୍ରା କୋଭିଡ୍ କଟକଣା ମଧ୍ୟରେ କରାଯାଉ ବୋଲି ଶ୍ରୀ ଜଗନ୍ନାଥ ବାହିନୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ବାହିନୀର ଲକ୍ଷ୍ମଣ ତ୍ରିପାଠୀ ଓ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତାମାନେ ଶୁକ୍ରବାର ମନ୍ଦିର ସମ୍ମୁଖରେ ଦୀପଦାନ କରି ଗୁହାରୀ ଜଣାଇଛନ୍ତି। କରୋନା ସଂକ୍ରମଣ କମୁଥିବା ବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା କଟକଣା ମଧ୍ୟରେ କରିବାକୁ ନରୋତ୍ତମ ପାଣିଗ୍ରାହୀ, ଗଜେନ୍ଦ୍ର ନାୟକ, ସଞ୍ଜୀବ ସାହୁ, ନରେନ୍ଦ୍ର ସେନାପତି, ରାମେଶ୍ୱର ତ୍ରିପାଠୀଙ୍କ ସମେତ ବହୁ କର୍ମକର୍ତ୍ତା ଦାବି କରିଛନ୍ତି।

## ଭୂମିହୀନ ପରିବାରକୁ ଜମିପଟ୍ଟା

ବାରିପଦା ଅଫିସ, ୧୧।୬: ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ତହସିଲ ପକ୍ଷରୁ ରାଜସ୍ୱ ରଥ ଜରିଆରେ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ରାଧା ରଞ୍ଜନ ଦାସ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ରାଜସ୍ୱ ପରିଦର୍ଶକ ମଦନ ମୋହନ ମହାନ୍ତି, ରାଜସ୍ୱ ନୀରିକ୍ଷକ ଜଗନ୍ନାଥ ବେହେରା ଓ ତହସିଲର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ରଥ ମାଧ୍ୟମରେ ବାଉଁଶବିଲା ପଞ୍ଚାୟତ ଅନ୍ତର୍ଗତ ପୋଡ଼ାଅସ୍ତିଆ ଗ୍ରାମର ୩ ଓ ଶାମାଖୁଣ୍ଟା ପଞ୍ଚାୟତର ୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

# ମୋରମ ଚୋରି, ବିଗୁଡ଼ୁଛି ପରିବେଶ

କେନ୍ଦୁଝର, ୧୧।୬(ସ୍ୱ.ପ୍ର.)

ଜାତୀୟ ରାଜପଥ ନିର୍ମାଣ ଓ ମରାମତି କାମ ଆଳରେ ଏବଂ କଟକଣାକୁ ଫୁ କରି ଘରୋଇ, ସରକାରୀ ଓ ଜଙ୍ଗଲାଞ୍ଚଳ ଜମିରୁ ବହୁ ମାତ୍ରାରେ ମୋରମ, ମାଟି ଆଦି ଲୁଟ ଚାଲିଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ସେହିପରି ଏହା ଦ୍ୱାରା ବ୍ୟାପକ ଜଙ୍ଗଲ ଓ ପରିବେଶ ନଷ୍ଟ ହେଉଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି।

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ବଡ଼ପଣି, ଗୋପାଳପୁର ଏବଂ ଆଖପାଖ ଅଞ୍ଚଳରେ ଏହି ଚୋରା ଚାଲାଣ ଦେଖିବାକୁ ମିଳିଛି। ବଡ଼ ବଡ଼ ମେଶିନ ଲଗାଇ ମାଟି/ ମୋରମ ଉଡ଼ାଯାଇ ବଡ ବଡ ହାଇୱାରେ ବହୁ ପରିମାଣର ସରକାରୀ, ଜଙ୍ଗଲ ଜମି ଓ ବ୍ୟକ୍ତିଗତ ଜମିରୁ ବିନା ଅନୁମତିରେ ମୋରମ ଓ ମାଟି ଉତ୍ତୋଳନ କରାଯାଉଥିବା ଅଭିଯୋଗ ଆସିଛି। ଏଣୁ ଜଙ୍ଗଲ ପାଖ ଅଞ୍ଚଳରେ ବଡ ବଡ ଖାଲଖମା ସୃଷ୍ଟି ହୋଇ ପାଣି ଭର୍ତ୍ତି ହୋଇ ବିପଦସଙ୍କୁଳ


ଜଙ୍ଗଲ ଜମିରୁ ମୋରମ ଖୋଳି ନିଆଯାଇଛି।

ଅବସ୍ଥାରେ ରହିଛି । ପୋଖରୀ ସଦୃଶ ଗାତ ହୋଇଯାଇଥିବାବେଳେ ଏହା ଦ୍ୱାରା ଜଙ୍ଗଲ ଜନ୍ତୁଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିଛି। ବହୁ ଦୁର୍ଲଭ ଔଷଧୀୟ ବୃକ୍ଷ ଲତା ଏବଂ ମୂଲ୍ୟବାନ ଗଛ ଧ୍ୱଂସ ପାଇବାରେ ଲାଗିଛି। ବିନା ଅନୁମତିରେ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଏଭଳି ବେଆଇନ ଭାବେ ମୋରମ ଖୋଳା ଯାଇ ଚାଲାଣ ହେଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଭୟରେ ସେମାନେ ସିଧାସଳଖ ଅଭିଯୋଗ କରିପାରୁ ନ ଥିଲେ ହେଁ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉ ନାହିଁ।

ଲୋକଙ୍କ ଜମିକୁ ତାଡି ମାଟି ନେଉଥିଲେ ହେଁ ରାଜସ୍ୱ ବିଭାଗର ଅନୁମତି ନେବା ଜରୁରୀ। ତେବେ ଜଙ୍ଗଲ ମଧ୍ୟରେ ଥିବା ଘରୋଇ ଜମିରୁ ବିନା ଅନୁମତିରେ କିପରି ନିମ୍ବ ଗଛ କାଟି ବଡ ବଡ ଗାତ କରି ମାଟି ଓ ମୋରମ ଉତ୍ତୋଳନ ହେଉଛି ତାହା ତଦନ୍ତ ସାପେକ୍ଷ। ଅଭିଯୋଗ ପରେ ଉକ୍ତ ସ୍ଥାନକୁ ଯାଇ ନରଣପୁର ଫରେଷ୍ଟର

### ପ୍ରଭାବିତ ହେଉଛନ୍ତି ଜଙ୍ଗଲୀ ଜୀବଜନ୍ତୁ

ପ୍ରଦୀପ ବାରିକ ନିରୀକ୍ଷଣ କରି ବ୍ୟାପକ ଅନିୟମିତତା ହୋଇଥିବା ଦେଖିଥିଲେ। ଏସମ୍ପର୍କରେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ଏଭଳି ବେଆଇନ କାମ କରୁଥିବା ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିପଦପୂର୍ଣ୍ଣ ଅବସ୍ଥାରେ ଛାଡିଦିଆଯାଇଥିବା ଖାଲକୁ ପୋତିବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଏନେଇ ରଘୁନାଥପୁର ରାଜସ୍ୱ ନିରୀକ୍ଷକ ଭାନୁମତି ମହାନ୍ତ ବଡପଣିଠାରେ ବେଆଇନ ଭାବେ ମାଟି ଉଠିଥିବା ନେଇ ସଦର ତହସିଲାରଦରଙ୍କୁ ଲିଖିତ ଭାବେ ୧୫ ଦିନ ତଳେ ଜଣାଇବା ପରେ ସଂସ୍ଥା ବିରୋଧରେ ୬ଲକ୍ଷ ଟଙ୍କା ରୟାଲଟି ଓ ଜରିମାନା ନିର୍ଦ୍ଧାରଣ କରରାଯାଇଥିବା ସଦର ତହସିଲଦାର ଆଶିଷ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

## ଲୁହାପଥର ଚୋରା ଚାଲାଣ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଯୋଡ଼ା,୧୧।୬(ଡି.ଏନ.ଏ)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ହାଣ୍ଡିଭଙ୍ଗା ନିକଟରେ ଥିବା ବନ୍ଦ କ୍ରସରରୁ ଲୁହାପଥର ଚୋରା ଚାଲାଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପଙ୍କଜ କୁମାରଙ୍କୁ ଶୁକ୍ରବାର ପୂର୍ବାହ୍ନରେ ଝାଡ଼ଖଣ୍ଡ ରାଜ୍ୟର ଜାମସେଦପୁରଠାରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୯ ବିଳମ୍ବିତ ରାତିରେ ହାଣ୍ଡିଭଙ୍ଗା ନିକଟରେ ବନ୍ଦ ଥିବା ପୁରୁଣା କ୍ରସରରେ ପୂର୍ବରୁ ଗଚ୍ଛିତ ଲୁହାପଥର ଗୁଣ୍ଡକୁ ବେପାରୀମାନେ ଟ୍ରେଲରରେ ବୋଝେଇ କରି ବିଶାଖାପାଟଣା ବନ୍ଦରକୁ ଚାଲାଣ କରୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। କାଳିମାଟି ଛକ ନିକଟରୁ ୫ ଓ ଜୁରୁଡ଼ି ଛକ ନିକଟରୁ ଗୋଟିଏ ଟ୍ରେଲର ଜବତ କରିଥିଲା ପୋଲିସ। ଏହି ଚୋରା କାରବାରରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ନିମ୍ନମାନର ପିଡିଏସ୍ ସାମଗ୍ରୀ ଯୋଗାଣ ପ୍ରତିବାଦରେ ବିକ୍ଷୋଭ


ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି।

କେନ୍ଦୁଝର, ୧୧।୬ (ସ୍ୱ.ପ୍ର.)

ରାଜ୍ୟରେ ନିମ୍ନମାନର ପିଡିଏସ୍ ଚାଉଳ ଓ ଗହମ ଯୋଗାଣ ହୋଇଥିବା ଅଭିଯୋଗ କରି ବିଭିନ୍ନ ସ୍ଥାନରେ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଇସ୍ତଫା ସହ ଏହି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା



କେନ୍ଦୁଝରରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କେନ୍ଦୁଝର/ପାଟଣା, ୧୧।୬(ସ୍ୱ.ପ୍ର./ଡି.ଏନ.ଏ.)

ତୈଳ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ଓ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଶୁକ୍ରବାର ସାରା ଦେଶରେ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଦଳୀୟ କର୍ମୀମାନେ ଧାରଣା ଦେଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ମୁଖ୍ୟାଳୟଠାରେ ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଘସିପୁରାଠାରେ ବ୍ଲକ ସଭାପତି ସୁବ୍ରତ ଚକ୍ର, ଘଟଗାଁରେ ବ୍ଲକ ସଭାପତି ପ୍ରଭାକର ନାଏକ, ତେଲକୋଇଠାରେ ବ୍ଲକ ସଭାପତି ଶକ୍ତିକାନ୍ତ ଧିର, ହରିଚନ୍ଦନପୁରଠାରେ ବ୍ଲକ ସଭାପତି ଲକ୍ଷ୍ମଣ ମହାନ୍ତ ଏବଂ କେନ୍ଦୁଝରଠାରେ ବ୍ଲକ ସଭାପତି ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ମିଶ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ନେଉଥିବା ଟିକସକୁ ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ ବୋଲି ଦାବି କରିଥିଲେ।

ପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ତୁରୁମୁଙ୍ଗା ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ଶତ୍ରୁଘ୍ନ ସିଂହ, ବରିଷ୍ଠ ନେତା କୈଳାସ ଚନ୍ଦ୍ର ବାରିକ, ବ୍ରଜବନ୍ଧୁ ନାଏକ, ମାନସ ସାହୁ, ମାନସ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସାହାରପଡ଼ା ବ୍ଲକ ମୁଖ୍ୟାଳୟ ସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ସଭାପତି ମୁକୁନ୍ଦ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବୀରଭଦ୍ର ମହାନ୍ତ, ଶିବ କୁମାର ବେହେରା, ନାରାୟଣ ନାଏକ, ଚିତ୍ତ ରଞ୍ଜନ ତରେଇ, ପଟେଲ ମହାନ୍ତ ପ୍ରମୁଖ ଧାରଣାରେ ବସିଥିଲେ।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର

କେନ୍ଦୁଝର, ୧୧।୬(ସ୍ୱ.ପ୍ର.)

ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ରକ୍ତର ଅଭାବ ଦୂରୀକରଣ ନିମନ୍ତେ କେନ୍ଦୁଝର ଜିଲା ପୁରୁଣାବଜାର ଇଲେଭେନ ବୁଲେଟ କ୍ଲବ ଏବଂ ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ଜିଲା ବ୍ଲଡ଼ବ୍ୟାଙ୍କ ଡ଼ାକ୍ତରୀ ଦଳ ୧୦୪ ୟୁନିଟ୍ ସଂଗ୍ରହ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଜିଲା ସଭାପତି ମାଧବ ସର୍ଦ୍ଦାର, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ପୂର୍ବତନ ଜିଲା ସଭାପତି ଆଶିଷ କୁମାର ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶଗଡ଼ରେ ବସି ପ୍ରତିବାଦ

ବାରିପଦା ଅଫିସ/ କପ୍ତିପଦା/ ରାଇରଙ୍ଗପୁର,୧୧।୬(ଡି.ଏନ୍.ଏ)

ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବାରିପଦାର ଏମ୍ଏଡବ୍ଲ୍ୟୁ ଓ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ସହ କର୍ମୀମାନେ ଶଗଡ଼ ଗାଡ଼ିରେ ବଜାର ପରିକ୍ରମା କରି କେନ୍ଦ୍ର ଭାଜପା ସରକାରକୁ କଡ଼ା ସମାଲୋଚନା କରିବା ସହିତ ଦରବୃଦ୍ଧି କମାଇବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଯୋଗେଶ ଅଗ୍ରୱାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଅଶୋକ ଅଧିକାରୀ, ଅରବିନ୍ଦ ଦାସ, ପ୍ରଦୀପ ମିଶ୍ର, ସୁକୁମାର ରଞ୍ଜନ ପ୍ରଧାନ, କୌଶିକ ମିଶ୍ର, ମୋତିପ୍ରକାଶ ଦାଶ, ତାରାକାନ୍ତ ବେହେରା, ହରିଶଙ୍କର ଦାସ, ନିର୍ମଳ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେହିପରି କପ୍ତିପଦା ବ୍ଲକ୍ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ସଭାପତି ରବିନାରାୟଣ ପରିଡ଼ା ଏହାର ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ପାଢ଼ୀ, ବିଜୟ ପଶା, ପ୍ରିୟବ୍ରତ ନାଏକ, ଭକ୍ତହରି ପାଣ୍ଡିଆ, ପରିତୋଷ ମହାକୁଡ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଇରଙ୍ଗପୁର ନଗର କଂଗ୍ରେସ କମିଟି ଅଧ୍ୟକ୍ଷ ଆଶୋକ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝି, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ସିମାଲ ମାଝି, ବସନ୍ତ କୁମାର ପଟ୍ଟନାୟକ, ହୃଦାନନ୍ଦ ମହାନ୍ତି ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ତିରିଂ ବ୍ଲକ ସଭାପତି ଭାଗିରଥୀ ପାତ୍ରଙ୍କ ନେତୃତ୍ୱରେ ମଧ ଧାରଣା ଅନୁଷ୍ଠିତ ହେଇଥିଲା।



ବାରିପଦାରେ କଂଗ୍ରେସ କର୍ମୀମାନେ ଶଗଡ଼ରେ ବଜାର ପରିକ୍ରମା କରୁଛନ୍ତି।

# ନାବାଳକଙ୍କୁ ହତ୍ୟା, ୨ ଗିରଫ

ବାରିପଦା ଅଫିସ, ୧୧।୬

ମୟୂରଭଞ୍ଜ ଜିଲା ମୋରଡା ଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ମହୁଲବଣି ଗ୍ରାମରେ ଗୋଚର ଜମି ଜବର ଦଖଲକୁ ନେଇ ଦୁର୍ବୃତ୍ତମାନେ ଜଣେ ନାବାଳକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯତୀନ୍ଦ୍ର ମହାନ୍ତ ଓ ଶୋଭାକର ମହାନ୍ତ। ମୃତ ନାବାଳକ ସେହି ଗ୍ରାମର ରଘୁନାଥ ମହାନ୍ତଙ୍କ ପୁଅ ହରେକୃଷ୍ଣ ମହାନ୍ତ(୧୭) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ରଘୁନାଥ ଏକ ଗୋଚର ଜାଗାକୁ ଦଖଲରେ ରଖି ଆସିଥିଲେ। ଦାଦନ ଖଟିବାକୁ ଯାଇଥିବା ରଘୁନାଥଙ୍କ ଅନୁପସ୍ଥିତିରେ ଉକ୍ତ ଜାଗାରେ ଅଭିଯୁକ୍ତମାନେ ଏକ ଘର ନିର୍ମାଣ କରିଥିଲେ। ଏହାକୁ ନେଇ ରଘୁନାଥଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଥିଲା। ରାତି ୭ଟା ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ହରେକୃଷ୍ଣ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଶୁକ୍ରବାର ସକାଳେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୧) ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କୁନି ବେଶ୍ରା ପ୍ରକାଶ କରିଛନ୍ତି ।

## ବିଡିଓଙ୍କୁ ଆକ୍ରମଣ ଘଟଣା: ୫ ଗିରଫ

ବାରିପଦା ଅଫିସ,୧୧।୬

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବିଡିଓ ଜୟକୃଷ୍ଣ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ସଦର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଣ୍ଟାପାଳ ଗ୍ରାମର ଇଶ୍ୱର ଚନ୍ଦ୍ର ହାବଡା, କରଞ୍ଜିଆ ଅଞ୍ଚଳର ଯୋଗେଶ ମହାନ୍ତ, ଧନପୁର ଅଞ୍ଚଳର ସଞ୍ଜିତ ଦାସ, ଜୟବିଲା ଅଞ୍ଚଳର ବିଶ୍ୱଜିତ ବେହେରା ଏବଂ ସିନ୍ଦୂରଗଉରା ଅଞ୍ଚଳର ମନୋଜ ମହାନ୍ତ। ପ୍ରକାଶ ଥାଉକି, ଗତ ୩ତାରିଖରେ କିଛି ଜନପ୍ରତିନିଧି ଓ ବ୍ୟକ୍ତି ବିଶେଷ ବିଡିଓଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ବିଳମ୍ବ କରିବାରୁ ଭାଜପା ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

# ବ୍ଲକ ଅଫିସ ଆଗରେ ମହିଳାଙ୍କ ଧାରଣା

କପ୍ତିପଦା,୧୧।୬(ଡି.ଏନ.ଏ.)

୬ ଦଫା ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ମଝିଗଡ଼ିଆ, ବଡ଼ଖଲାଡ଼ି, ଝିଙ୍କପଦା, ନୁଦଡ଼ିହା, ଜେଏସ୍‌ଜାମୁଡ଼ିହା ଓ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଯୋଗ ଦେଇଥିଲେ। ଏହି ବ୍ଲକ୍‌ରେ ଆଦିବାସୀ ଶ୍ରେଣୀର ଲୋକମାନେ ବସବାସ କରୁଥିବାବେଳେ କାମ ଧନ୍ଦା ନ ପାଇ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ କାମ ପାଇଁ ଆବେଦନ କରିଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ଶୁକ୍ରବାର ସାମାଜିକ କର୍ମୀ ମନମୋହନ ମିଶ୍ରଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା । ସେହିପରି ଚୋରା ମଦ କାରବାର ବନ୍ଦ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧିକୁ ରୋକିବା ଏବଂ ପ୍ରତ୍ୟେକ ଦିନ କରୋନା



ଧାରଣାରେ ବସିଥିବା ମହିଳାମାନେ।

ଟିକାକରଣ ଚାଲୁ ରଖିବା ଆଦି ଦାବି କରାଯାଇଥିଲା। ବିଡିଓ ସତ୍ୟନାଥ ନାଏକ, ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ବାନରା, ଏପିଇଓ ବୀରବର ସିଂ, ଡ଼ିଏସ୍‌ପି (କ୍ରାଇମ୍) ଏସ୍.ଏନ୍ ଜେନା, ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରି ରଜ ପରେ ସମସ୍ତଙ୍କୁ କାମ ଦେବାର ପ୍ରତିଶ୍ରୁତି ଦେବା ସହିତ ଅନ୍ୟ ଦାବିଗୁଡ଼ିକୁ ଖୁବ୍ ଶୀଘ୍ର ପୂରଣ ହେବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ରେମୁଣା ବ୍ଲକ୍ ମୁଖୁରା ପଞ୍ଚାୟତର ସରପଞ୍ଚ ଷ୍ଟାଲିନ୍ ମିଶ୍ର, ନନ୍ଦିତା ନାଏକ, ପ୍ରମିଳା ବଉଳପାଳିଆ, ଝୁନୁ ଗାଗରାଇ, ସଂଯୁକ୍ତା ନାଏକ, ସରସ୍ୱତୀ ଦେହୁରୀ, ସୁଭଦ୍ରା ଦେହୁରୀ, କବିତା ସିଂ, ସୁହାଗୀ ନାଏକ, ପାର୍ବତୀ ବଢ଼େଇ, ମମତା ଟୁଡୁ, ପଦ୍ମିନୀ ନାଏକ, ପଦ୍ମାବତୀ ବାରିକ୍‌ଙ୍କ ସହିତ ବହୁ ମହିଳା ପୁରୁଷ ସାମିଲ ହୋଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା

ସାରସକଣା, ୧୧।୬

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତ ଅନ୍ତର୍ଗତ ସାନକୋଚିମର୍ବିଲାଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ତନ୍ତିବନ୍ଧ ଉନ୍ନତିକରଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ବିନା ସୂଚନା ଫଳକରେ ଏହି ବନ୍ଧ କାମରେ ୫୯,୩୪୦ଟଙ୍କାର ବିଲ୍ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

ପ୍ରକାଶ ଥାଉକି, ଶୀର୍ଷା ପଞ୍ଚାୟତର ଯନ୍ତ୍ରୀ ସାର ଟୁଡୁ ସେହି ସମୟରେ ଅନୁପସ୍ଥିତ ଥିବା ବେଳେ ନିକଟସ୍ଥ ମୁରୁଣିଆ ପଞ୍ଚାୟତର ଯନ୍ତ୍ରୀ ଶାନ୍ତନୁ ଦେବ ଭୂୟାଁ ଏହି କାମର ବିଲ୍ କରିଥିଲେ। ଏ ସଂକ୍ରାନ୍ତରେ ଯନ୍ତ୍ରୀ ଭୂୟାଁ କହିଛନ୍ତି, ମୁଁ ନୂଆ ଏବଂ କାମ ଦେଖିନାହିଁ, କେବଳ ବିଲ୍ କରିବା ପାଇଁ ସେହି ପଞ୍ଚାୟତକୁ ଯାଇଥିଲି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ବାନାର୍ଜୀଙ୍କୁ ଏବାବଦରେ ପଚାରିବାରୁ 'ହଁ ସେମିତି ଭୁଲ୍ ହୋଇଛି ଏବଂ ତାହାକୁ ଆଡଜଷ୍ଟ କରିଦିଆଯାଇଛି' ବୋଲି କହିଛନ୍ତି। ତେବେ କେଉଁ ପ୍ରକାର ଆଡଜଷ୍ଟ କରାଯାଇଛି ବୋଲି ତାଙ୍କୁ ପଚାରିବାରୁ ସେ କିଛି ପ୍ରତିକ୍ରିୟା ଦେଇ ନ ଥିଲେ। ତେବେ ସତ୍ୟାସତ୍ୟ ଯାଞ୍ଚ ନ କରି କାମ ବନ୍ଦ କରିଦିଆଯାଇଥିଲା ବେଳେ ବିଚରା ଯୁବ ଠିକାଦାର ଜଣଙ୍କ ଯନ୍ତ୍ରୀଙ୍କ କଥାରେ ପଡ଼ି ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା ଜଣାପଡ଼ିଛି।

ସେହିପରି ଉମାଦେଇପୁର ପଞ୍ଚାୟତର ଝରିଆ ଗ୍ରାମରେ ବିନା ସୂଚନା ଫଳକରେ କିଛି ନାବାଳକଙ୍କୁ ନେଇ ପାଚେରୀ କାମ ଚାଲିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି କାମ ବନ୍ଦ କରିଥିଲେ। ବିରୋଧ ପରେ ସେହି ସ୍ଥାନରେ ପୂର୍ବରୁ ରହିଥିବା ଏକ ପୁରାତନ ପାଚେରୀ ନିର୍ମାଣ କାର୍ଯ୍ୟର ସୂଚନାଫଳକକୁ ନୂଆ ଭାବେ ରଙ୍ଗ କରି ସୂଚନାଫଳକ ଲଗାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ଉମାଦେଇପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସତ୍ୟ ବୋଲି ସେ ସ୍ୱୀକାର କରିଥିଲେ। ଏନେଇ ମୟୂରଭଞ୍ଜ ପିଡି ଡିଆରଡିଏ ଭବେଶ କୁମାର ନାୟକ କହିଛନ୍ତି ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାବାଳକ କୌଣସି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ନାହିଁ। ତେବେ ଲୋକଙ୍କ ସେବା କରିବାକୁ ନିଯୁକ୍ତ ପ୍ରଶାସନିକ ଅଧିକାରୀ ଯଦି ଦୁର୍ନୀତିକୁ ପ୍ରଶ୍ରୟ ଦେବେ ତାହାଲେ ଜନସାଧାରଣଙ୍କୁ ନ୍ୟାୟ ଦେବ କିଏ ତାହାହିଁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

